# NATIONAL NEWS BULLETIN (ODIA)

**21 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱାଦଶ ବ୍ରିକ୍ସ ମନ୍ତ୍ରୀସ୍ତରୀୟ ବୈଠକରେ ଭାରତ ଓ ବ୍ରାଜିଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

- ନ୍ୟାୟିକ ସେବାରେ ଯୋଗଦେବା ଲାଗି ପ୍ରାରମ୍ଭିକ ପରୀକ୍ଷା ପାଇଁ ୩ ବର୍ଷ ବଦଳରେ ୧ ବର୍ଷର ପ୍ରାକ୍ଟିସ୍‌କୁ ସୁପ୍ରିମକୋର୍ଟଙ୍କ ଅନୁମତି

- ବନ୍ଦେ ମାତରମ୍‌ର ୨ ଧାଡ଼ି ଗାୟନ ନିଷ୍ପତ୍ତି ନେଇ କଂଗ୍ରେସକୁ ସମାଲୋଚନା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ତେହେରାନ୍‌କୁ କୌଣସି ପ୍ରକାର ଅଣୁଅସ୍ତ୍ର ଲାଗି ଅନୁମତି ଦିଆଯିବ ନାହିଁ, କହିଲେ ଆମେରିକା ରାଷ୍ଟ୍ରପତି

ଏବଂ

- ବିଶ୍ୱ ବ୍ୟାଡମିଣ୍ଟନ ଚମ୍ପିୟାନ୍‌ସିପ୍‌ର ଡବଲ୍‌ସ କ୍ୱାର୍ଟର ଫାଇନାଲ୍‌ରେ ଆଜି ଅବତୀର୍ଣ୍ଣ ହେବେ ଭାରତୀୟ ଖେଳାଳି

---

## ଇଣ୍ଡିଆ-ବ୍ରାଜିଲ ଏମ୍‌ଓୟୁ

ଭାରତ ଓ ବ୍ରାଜିଲ ମଧ୍ୟରେ ଟେଲି ଯୋଗାଯୋଗ, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟେଲି ଯୋଗାଯୋଗ

ବିଭାଗ କହିଛି, ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେବା ଫଳରେ ଡିଜିଟାଲ ଦୃଷ୍ଟିକୋଣ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ତଥା ନୂତନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଭାଗିତା ବୃଦ୍ଧି ପାଇବ । ପୁନେଠାରେ ଅନୁଷ୍ଠିତ ଦ୍ୱାଦଶ ବ୍ରିକ୍ସ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ବ୍ରାଜିଲ ପ୍ରତିପକ୍ଷ ଫ୍ରେଡେରିକୋ ଡି ସିକ୍ୟୁରା ଫିଲୋ କହିଛନ୍ତି ଯେ ଏହି ଚୁକ୍ତିନାମା ଫଳରେ ଦୁଇଦେଶ ମଧ୍ୟରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଟେଲି ଯୋଗାଯୋଗ କ୍ଷେତ୍ରରେ ସହଭାଗିତା ବୃଦ୍ଧି ପାଇବ । କେନ୍ଦ୍ରମନ୍ତ୍ରୀ ଶ୍ରୀ ସିନ୍ଧିଆ ତାଙ୍କ ପୋଷ୍ଟରେ କହିଛନ୍ତି, ଏହି ଚୁକ୍ତିନାମା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ, ସାଇବର ନିରାପତ୍ତା, ଡିଜିଟାଲ ଭିତ୍ତିଭୂମି, ନୂତନ ପ୍ରଯୁକ୍ତି ବିଦ୍ୟା, ଦକ୍ଷତା ବିକାଶ ଏବଂ ସୃଜନଶୀଳତା ବୃଦ୍ଧି ଦିଗରେ ସହାୟକ ହେବ । ସେ କହିଛନ୍ତି, ଏହି ଚୁକ୍ତିନାମା ଫଳରେ ଭାରତ ଓ ବ୍ରାଜିଲ ମଧ୍ୟରେ ନିରାପତ୍ତା ଏବଂ ଭବିଷ୍ୟତ ଡିଜିଟାଲ ସମାବେଶୀ କ୍ଷେତ୍ରରେ ଏକ ନୂତନ ସୁଯୋଗ ସୃଷ୍ଟି କରିବ ।

---

## ଏସ୍‌ସି-ଲିଗାଲ୍ ପ୍ରାକ୍ଟିସ୍

ନ୍ୟାୟିକ ସେବାରେ ଯୋଗଦେବା ଲାଗି ପ୍ରାରମ୍ଭିକ ପରୀକ୍ଷା ପାଇଁ ଆଇନ ଡିଗ୍ରୀଧାରୀ ସ୍ନାତକମାନେ ୩ ବର୍ଷ ବଦଳରେ ୧ ବର୍ଷର ପ୍ରାକ୍ଟିସ୍ କରିଥିବା ଆବଶ୍ୟକ । ଆଜି ସୁପ୍ରିମକୋର୍ଟ ୨୦୨୫ ମଇମାସରେ ଦେଇଥିବା ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନ କରିଛନ୍ତି । ପୂର୍ବ ନିର୍ଦ୍ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସ୍ନାତକମାନଙ୍କ ପାଇଁ ୩ ବର୍ଷର ପ୍ରାକ୍ଟିସ୍ ବାଧ୍ୟତାମୂଳକ କରିଥିବା ବେଳେ ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ

ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ପରିବର୍ତ୍ତନକୁ ମଂଜୁରୀ ପ୍ରଦାନ କରିଛନ୍ତି । ଖଣ୍ଡପୀଠରେ ବିଚାରପତି ଜଷ୍ଟିସ୍ ଏ.ଜି. ମାସିହ ଏବଂ କେ.ବିନୋଦ ଚନ୍ଦ୍ରନ୍ ସଦସ୍ୟ ଅଛନ୍ତି । ଖଣ୍ଡପୀଠର ସୂଚନା ଅନୁଯାୟୀ, ଗତବର୍ଷ ମଇ ୨୫ ରୁ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ବିଜ୍ଞପିତ ନ୍ୟାୟିକ ସେବା ପରୀକ୍ଷା ପାଇଁ ଆବେଦନ କରିଥିବା ଆଇନ ସ୍ନାତକମାନଙ୍କ କ୍ଷେତ୍ରରେ ପ୍ରାକ୍ଟିସ୍ ଅବଧିକୁ ବିଚାରକୁ ନିଆଯିବ ନାହିଁ।

ତେବେ ଆଇନସେବା ପରୀକ୍ଷାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ପ୍ରଥମେ ନ୍ୟାୟିକ ସେବା ପ୍ରଶିକ୍ଷାର୍ଥୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଜୁଡ଼ିସିଆଲ୍ ଏକାଡେମୀରୁ ୧ବର୍ଷ ପ୍ରଶିକ୍ଷଣ ନେବା ସେମାନଙ୍କ ପାଇଁ ବାଧ୍ୟତାମୂଳକ ହେବ । ଗତବର୍ଷ ମଇ ୨୦ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ସଦ୍ୟ ଆଇନ ସ୍ନାତକ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ନ୍ୟାୟିକ ସେବା ପ୍ରାରମ୍ଭିକ ପର୍ଯ୍ୟାୟ ପରୀକ୍ଷା ଦେବା ଲାଗି ବାରଣ କରିଥିଲେ ।

## ଶାହା–ବନ୍ଦେମାତରମ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବନ୍ଦେ ମାତରମ୍ ସଂଗୀତର ସଂପୂର୍ଣ୍ଣ ଗାୟନ ପରିବର୍ତ୍ତେ କେବଳ ୨ ପଦ ଗାଇବା ନିଷ୍ପତ୍ତି ନେଇ କଂଗ୍ରେସକୁ ସମାଲୋଚନା କରିଛନ୍ତି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ଶାହା କହିଛନ୍ତି, ଏଭଳି ନିଷ୍ପତ୍ତି ଦ୍ୱାରା ସମ୍ବିଧାନରେ ପ୍ରଣିତ ନିୟମ ଉଲ୍ଲଂଘନ ହେବା ସହ ଦେଶ ବିରୋଧୀ କାର୍ଯ୍ୟ ହେବ । ଶ୍ରୀ ଶାହା ଅଭିଯୋଗ କରିଛନ୍ତି ଯେ ୧୯୩୭ ମସିହାରେ ତୁଷ୍ଟୀକରଣ ପାଇଁ କଂଗ୍ରେସ ବନ୍ଦେ ମାତରମ୍ ସଂଗୀତକୁ ୨ ଭାଗରେ ବିଭକ୍ତ କରିଥିଲା । ଏହି ଐତିହାସିକ

ତ୍ରୁଟିକୁ କେନ୍ଦ୍ର ସରକାର ବନ୍ଦେମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ସଠିକ୍ କରିଛନ୍ତି । ସେ କହିଛନ୍ତି:

**V/O (Shah-Bande Mataram)**

---

## ଗଭ୍‌-ପିଏମ୍ ଆଶା

ଦେଶର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସମେତ ସମସ୍ତ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ଯୋଗାଇଦେବା ଲାଗି ସରକାର ପଦକ୍ଷେପ ନେଉଛନ୍ତି । ସେହିସବୁ ପଦକ୍ଷେପ ମଧ୍ୟରୁ ଏକ ପ୍ରମୁଖ ଯୋଜନା ହେଉଛି, ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ-ପିଏମ୍ ଆଶା । ୨୦୧୮ ମସିହା ସେପ୍ଟେମ୍ବର ମାସରେ ଆରମ୍ଭ ହୋଇଥିବା ଏହି ଯୋଜନାରେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ଲାଭ ଦେବା ଉଦ୍ଦେଶ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଉଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଏହି ଯୋଜନାରେ ବଜେଟ ଆବଣ୍ଟନ ବୃଦ୍ଧି କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନା ଲାଗି ୫ ହଜାର ୪୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ୨୦୨୬-୨୭ ଆର୍ଥିକବର୍ଷରେ ଏହାକୁ ୭ ହଜାର କୋଟିରୁ ଅଧିକ ଟଙ୍କାକୁ ବୃଦ୍ଧି କରାଯାଇଛି ।

---

## ଟ୍ରମ୍ପ-ଇରାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ସହ ସଂପର୍କିତ ଜଳମାର୍ଗଗୁଡ଼ିକୁ ଆମେରିକା ରଣନୈତିକ ଉପାୟରେ ନିୟନ୍ତ୍ରଣ କରିବ। ସେ କହିଛନ୍ତି, ତେହେରାନ୍‌କୁ କୌଣସି ପ୍ରକାରେ ଅଣୁଅସ୍ତ୍ର ଲାଗି ଅନୁମତି ଦିଆଯିବ ନାହିଁ । ଏକ ଘରୋଇ ରେଡିଓ ଚ୍ୟାନେଲ୍ ସହ ସାକ୍ଷାତକାର

ବେଳେ ଶ୍ରୀ ଟ୍ରମ୍ପ କହିଛନ୍ତି, ଆମେରିକା ସାମରିକ ବାହିନୀର ଇରାନ ବିରୁଦ୍ଧରେ ପଦକ୍ଷେପ ଯଥାର୍ଥ ଏବଂ ଉଭୟ ଦେଶ ମଧ୍ୟରେ ବିବାଦ ଯୋଗୁଁ ଆମେରିକାରେ ତୈଳ ଏବଂ ଶକ୍ତି ଦର ବୃଦ୍ଧି ପାଇବାର ଅନ୍ୟତମ କାରଣ । ଶ୍ରୀ ଟ୍ରମ୍ପ କହିଛନ୍ତି, ଇରାନକୁ କୌଣସି ପ୍ରକାର ଅଣୁଅସ୍ତ୍ରର ବିକାଶ ଲାଗି ଅନୁମତି ଦିଆଯିବ ନାହିଁ । ସେ କହିଛନ୍ତି, ଇରାନର ସେନା ଏକପ୍ରକାର ନିଶ୍ଚିହ୍ନ ହୋଇଯାଇଛି ଏବଂ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ନିର୍ମାଣ କରିବାର କ୍ଷମତା ମଧ୍ୟ ହରାଇଛି । ସେଠାରେ ଅହେତୁକ ଦରବୃଦ୍ଧି ପାଉଥିବା ବେଳେ ଇରାନ ମୁଦ୍ରାର ମୂଲ୍ୟ ମଧ୍ୟ ହ୍ରାସ ପାଇଛି । ସେ କହିଛନ୍ତି, ଯଦି ଇରାନ ଅଣୁଅସ୍ତ୍ର ବିକଶିତ କରେ, ତେବେ ଇସ୍ରାଏଲ୍ ଏବଂ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଉପରେ ଆକ୍ରମଣର ସମ୍ଭାବନା ରହିଛି ।

---

## ବ୍ରିକ୍ସ

ପୁଣେଠାରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଅଧ୍ୟକ୍ଷତାରେ ଦ୍ୱାଦଶ ବ୍ରିକ୍ସ ସଦସ୍ୟ ଦେଶ ଯୋଗାଯୋଗ ମନ୍ତ୍ରୀମାନଙ୍କ ବୈଠକ ଜାରି ରହିଛି । ବ୍ରିକ୍ସ ଦେଶ ସମୂହର ଯୋଗାଯୋଗ ମନ୍ତ୍ରୀମାନଙ୍କ ସମେତ ବରିଷ୍ଠ ପ୍ରତିନିଧିମାନେ ବୈଠକରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ଦୃଢ଼ କରିବା, ଡିଜିଟାଲ ରୂପାନ୍ତରଣ, ନବସୃଜନ ଭଳି ବିଷୟ ଉପରେ ଆଲୋଚନା କରୁଛନ୍ତି । ଆଜିର ବୈଠକରେ ବିଷୟବସ୍ତୁ ରହିଛି 'ଏକ ସ୍ଥିର ଭବିଷ୍ୟତ ପାଇଁ ନବସୃଜନ, ସହଯୋଗ ଏବଂ ରୂପାନ୍ତରଣ ।" ବୈଠକରେ ଅଧ୍ୟକ୍ଷତା କରି କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ପ୍ରତିବଦ୍ଧତାକୁ ସ୍ୱୀକାର କରି ଭାରତ ଭବିଷ୍ୟତରେ ଏକ ଦୃଢ଼, ବିଶ୍ୱସ୍ତ ଏବଂ ସଶକ୍ତ ଯୋଗାଯୋଗ ବ୍ୟବସ୍ଥା

ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଛନ୍ତି, ଏହି ମଞ୍ଚ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକୁ ବିକଶିତ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ ଭିତ୍ତିଭୂମି, ଭବିଷ୍ୟତର ନେଟୱାର୍କ, ସାଇବର ସୁରକ୍ଷା, ସାମର୍ଥ୍ୟ ନିର୍ମାଣ ଏବଂ ସମାବେଶୀ ଡିଜିଟାଲ ସଂଯୋଗୀକରଣ ଆଦି ବିଷୟ ଉପରେ ବିଚାରବିମର୍ଶ ଲାଗି ମଞ୍ଚ ପ୍ରଦାନ କରିଛି ।

## ଜୟପୁର-ବ୍ରିକ୍ସ

ଭାରତ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ଜୟପୁରରେ ବ୍ରିକ୍ସ ପର୍ଯ୍ୟଟନ ମନ୍ତ୍ରୀମାନଙ୍କ ବୈଠକ ଆରମ୍ଭ ହେବ । ବ୍ରିକସ ସଦସ୍ୟ ଦେଶଗୁଡ଼ିକର ପର୍ଯ୍ୟଟନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଏହି ୨ ଦିନିଆ ସମ୍ମିଳନୀରେ ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗ ଦୃଢ଼ କରିବା ବିଷୟରେ ଆଲୋଚନା କରିବେ । ମୁଖ୍ୟତଃ ସମାବେଶୀ ଏବଂ ଉତ୍ତରଦାୟୀ ପର୍ଯ୍ୟଟନ, ଦକ୍ଷତା ବିକାଶ, ପ୍ରତିବନ୍ଧକ ବିହୀନ ଯାତ୍ରା ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ଆଲୋଚନା ହେବ । ଏହି ବୈଠକ ଆଗାମୀ ଦିନରେ ବ୍ରିକ୍ସ ସଦସ୍ୟ ଦେଶମାନଙ୍କ ମଧ୍ୟରେ ପର୍ଯ୍ୟଟନ ସହଯୋଗକୁ ଦୃଢ଼ କରିବା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ଅଗ୍ରାଧିକାର ଦେବ ବୋଲି ଆଶା କରାଯାଉଛି ।

## ଇମ୍ରାନ୍-ହସ୍ପିଟାଲ୍

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ଙ୍କୁ ଇସ୍ଲାମାବାଦର ଏକ ଘରୋଇ ଡାକ୍ତରଖାନାରେ ମେଡ଼ିକାଲ ପରୀକ୍ଷା ପରେ ରାଓଲପିଣ୍ଡିସ୍ଥିତ ଆଦିଆଲା ଜେଲ୍କୁ ଅଣାଯାଇଛି । ଗତ ୧୮ ତାରିଖରେ ସେଠାକାର

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଇମ୍ରାନ୍ ଖାନ୍‌ଙ୍କୁ ସିଫା ଆନ୍ତର୍ଜାତିକ ହସ୍ପିଟାଲରେ ସ୍ୱାସ୍ଥ୍ୟଗତ ପରୀକ୍ଷା ନିରୀକ୍ଷା ପାଇଁ ଭର୍ତ୍ତି କରାଯାଇଥିଲା ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର୍ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ମେଡ଼ିକାଲ ଚିକିତ୍ସା ପରେ ଜେଲ୍‌କୁ ଫେରାଇ ଅଣାଯାଇଛି । ସୂଚନାଯୋଗ୍ୟ, ବିଭିନ୍ନ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଗତ ୨୦୨୩ ଅଗଷ୍ଟ ୫ ତାରିଖଠାରୁ ଇମ୍ରାନ୍ ଖାନ୍ ଜେଲ୍‌ରେ ଅଛନ୍ତି ।

## ଜୋଶୀ-ପିଏମ୍ କୁସୁମ

କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହିତ ଏକ ବୈଠକରେ ଅଧ୍ୟକ୍ଷତା କରି ପିଏମ୍-କୁସୁମର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଧାର୍ଯ୍ୟଲକ୍ଷ୍ୟ ଉପରେ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି ବୈଠକରେ ପିଏମ୍-କୁସୁମ ଯୋଜନାର ପରବର୍ତ୍ତୀ ପର୍ଯ୍ୟାୟରେ କୃଷି କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବା ବିଷୟରେ ଆଲୋଚନା ହୋଇଛି । ସେ କହିଛନ୍ତି, ଦେଶରେ ଏପର୍ଯ୍ୟନ୍ତ ପିଏମ୍-କୁସୁମ ଯୋଜନାରେ ୨୭ ଲକ୍ଷରୁ ଅଧିକ ପମ୍ପକୁ ସୌରଚାଳିତ କରାଯିବା ସହ ୧୫ ଦଶମିକ ୮ ଗିଗାୱାଟ ନବୀକରଣୀୟ ଶକ୍ତି ହାସଲ କରାଯାଇଛି । ଏହାଦ୍ୱାରା ପ୍ରତିବର୍ଷ ପ୍ରାୟ ୮୦୬ ନିୟୁତ ଲିଟର ଡିଜେଲ ସଞ୍ଚୟ କରାଯାଇ ପାରୁଛି । ଶ୍ରୀ ଯୋଶୀ କହିଛନ୍ତି ଦେଶରେ ପଲିସିଲିକନ୍ ଉତ୍ପାଦନ ପାଇଁ ଏକ ଦୃଢ଼, ସମ୍ପୂର୍ଣ୍ଣ ସମନ୍ୱିତ ଘରୋଇ ସୌର ଉତ୍ପାଦନ ଇକୋସିଷ୍ଟମ ନିର୍ମାଣ ପାଇଁ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ।

# ଏନ୍‌ଟିଏ-ଆନ୍ସାର କି

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ 'ଆନ୍ସର କି ଚ୍ୟାଲେଞ୍ଜ' ବ୍ୟବସ୍ଥା ଯେଭଳି ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନ୍ୟାୟପୂର୍ଣ୍ଣ ହେବ ତାହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା କୁହାଯାଇଛି । ଆନ୍ସର କି ଚ୍ୟାଲେଞ୍ଜ ହେଉଛି ଏକ ଅନଲାଇନ୍ ପ୍ରକ୍ରିୟା, ଯେଉଁଠାରେ ପରୀକ୍ଷା ଦେଉଥିବା ପ୍ରାର୍ଥୀମାନେ ଅସ୍ଥାୟୀ ଉତ୍ତର କି'ରେ ଥିବା ତ୍ରୁଟି ନେଇ ଅଭିଯୋଗ କରିପାରିବେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ଏନ୍‌ଟିଏ ପକ୍ଷରୁ କୁହାଯାଇଛି ଯଦି ଜଣେ ପ୍ରାର୍ଥୀ ମଧ୍ୟ ଏକ ପ୍ରଶ୍ନକୁ ଚ୍ୟାଲେଞ୍ଜ କରନ୍ତି ଏବଂ ବିଷୟ ବିଶେଷଜ୍ଞ ଚ୍ୟାଲେଞ୍ଜକୁ ଗ୍ରହଣ କରନ୍ତି, ତେବେ ସଂଶୋଧିତ ଉତ୍ତର କୀ ଅନୁଯାୟୀ ପରୀକ୍ଷାରେ ଲେଖିଥିବା ସମସ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ ହେବ।

---

# ୟୁଏସ୍-ପ୍ଲେନ୍ କ୍ରାସ୍

ଆମେରିକାରେ ଏକ ଯାତ୍ରୀବାହୀ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଯାତ୍ରା କରୁଥିବା ୮ ଜଣଙ୍କର ମୃତ୍ୟୁ ଘଟିଛି । ଆମେରିକାର ସେନାବାହିନୀ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଲାସ୍କାଠାରୁ ୭୨୫ କିଲୋମିଟର ଦୂର ପଶ୍ଚିମାଞ୍ଚଳରେ ଦୁର୍ଘଟଣା ଘଟିଛି । ସେସ୍‌ନା ୪୪୧ ବିମାନଟି ୮ ଜଣ ଯାତ୍ରୀ ଓ ପାଇଲଟଙ୍କ ସହ ଆଲାସ୍କାରୁ ଯାତ୍ରା ଆରମ୍ଭ କରିଥିଲା ।

---

# ବିଡବ୍ଲ୍ୟୁଏଫ୍-ଡବ୍ଲ୍ୟୁସି

ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ରେ ଆଜି ଭାରତୀୟ କ୍ରୀଡ଼ାବିତ୍‌ମାନେ ପୁରୁଷ ଏବଂ ମହିଳା

ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରଦର୍ଶନ କରିବେ। ସାତ୍ୱିକ ସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ତୃତୀୟ ମାନ୍ୟତାପ୍ରାପ୍ତ ଚୀନର ଲିଆଙ୍ଗ ଓ୍ୱେଇ କେଙ୍ଗ ଏବଂ ଓ୍ୱାଙ୍ଗ ଚାଙ୍ଗଙ୍କ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ମହିଳା ଡବଲ୍ସରେ, ଭାରତୀୟ ଯୋଡ଼ି ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନର ଜିଆ ୟି ଫାନ୍ ଏବଂ ଝାଙ୍ଗ ଶୁ ଜିଆନ୍‌ଙ୍କ ସହ ମୁକାବିଲା କରିବେ।

---